# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶୁକ୍ରବାର, ଫେବୃୟାରୀ ୧୧/୨୦୨୨ Berhampur, Friday, February 11/ 2022


## ସଂକ୍ଷେପରେ

### ମାସ ଶେଷ ସୁଦ୍ଧା ୨୩୩ ସ୍ମାର୍ଟ ହାଇସ୍କୁଲ କାର୍ଯ୍ୟ ସରିବ

ଛତ୍ରପୁର,୧୦।୨(ଡି.ଏନ୍.ଏ.)-୫-ଟି ପ୍ଲାଟଫର୍ମରେ ଗଞ୍ଜାମ ଜିଲାର ୨୩୩ ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ଆଗେଇ ଚାଲିଛି । ଦ୍ୱିତୀୟ ପର୍ଯ୍ୟାୟରେ ଏହି ହାଇସ୍କୁଲଗୁଡିକ ରୂପାନ୍ତରୀକରଣ କରାଯାଉଛି । ଚଳିତ ମାସ ଶେଷସୁଦ୍ଧା ଏହାର କାର୍ଯ୍ୟ ସରିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଉକ୍ତ ହାଇସ୍କୁଲଗୁଡିକରେ ସ୍ମାର୍ଟ କ୍ଲାସ, ସ୍ମାର୍ଟ ଟଏଲେଟ୍, ସ୍ମାର୍ଟ ଲାଇବ୍ରେରୀ ଓ ରିଡିଂ ରୁମ୍, ଲ୍ୟାବ ଆଦି କରାଯାଉଛି। ରାଜ୍ୟରେ ରୁପାନ୍ତରୀତ ହାଇସ୍କୁଲ ଉଦଘାଟନ ଗଞ୍ଜାମ ଜିଲାରୁ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜିଲାର ୧୩୩ ହାଇସ୍କୁଲକୁ ରୁପାନ୍ତରୀକରଣ କରାଯାଇଛି। ଏଗୁଡିକୁ ଭିଡିଓ କନଫରେନ୍ସରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ। ୧୦୮ଜଣ ବିଧାୟକ ଜିଲାକୁ ପର୍ଯ୍ୟାୟକ୍ରମେ ଆସି ରୁପାନ୍ତରୀତ ସ୍କୁଲ ବୁଲି ଦେଖିଥିଲେ ।

### ନିର୍ବାଚନୀ ହିଂସା ଏଡ଼ାଇବାକୁ ପୋଲିସ ସଜାଗ

ବୁଗୁଡ଼ା,୧୦।୨(ଡି.ଏନ.ଏ.)-ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଶୃଙ୍ଖଳାରେ କରିବା ପାଇଁ ବୁଗୁଡ଼ା ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପୁରୁଣା ଅପରାଧୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ ନଜର ରଖାଯାଇଥିବା ବେଳେ ବେଆଇନ ମଦବିକ୍ରି ଓ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ସ୍ୱତନ୍ତ୍ର ଟିମ ଗଠନ ହୋଇଥିବା ନେଇ ଥାନାଧିକାରୀ ଚିତ୍ତ ରଞ୍ଜନ ବେହେରା କହିଛନ୍ତି। ଏଥିସହ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି ଚାଲିଛି। ବିଭିନ୍ନ ସ୍ଥାନରେ ଗାଡିମୋଟର ଯାଞ୍ଚ ମଧ କରାଯିବ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ନିର୍ବାଚନ ସମୟରେ ବିଶୃଙ୍ଖଳା ସୃଷ୍ଟି ଆଶଙ୍କାରେ ୩୮୬ ଜଣଙ୍କ ନାମରେ ୧୦୭ ସିଆରପିସି ଧାରାରେ ନୋଟିସ ଜାରି କରାଯାଇଛି। ୧୩ ଜଣ ହାର୍ଡକୋର ଅପରାଧୀଙ୍କ ନାମରେ ୧୧୦ ଓ ୫ ଜଣଙ୍କୁ ୮୨ ସିଆରପିସି ଧାରାରେ ନୋଟିସ ଜାରି କରାଯାଇଛି। ଜାମିନରେ ଆସିଥିବା କିଛି ଅଭିଯୁକ୍ତ ନିର୍ବାଚନ ସମୟରେ ଅପରାଧ ଘଟାଇବା ଆଶଙ୍କା କରି ପ୍ରାୟ ୫ ଜଣଙ୍କ ନାମରେ ସେମାନଙ୍କ ଜାମିନ ଖାରଜ ପାଇଁ ନିବେଦନ କରାଯାଇଛି। ବୁଗୁଡା ଥାନା ଅଧୀନରେ ଥିବା ୨୬ଟି ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀଙ୍କୁ ଥାନାରେ ବନ୍ଧୁକ ପେଁଠ ପାଇଁ ନୋଟିସ କରାଯାଇଛି। ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ନଜର ରଖାଯାଇଥିବା ବେଳେ ବୁଗୁଡ଼ା ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ହେବ ବୋଲି ଥାନା ଆଇଆଇସି କହିଛନ୍ତି।

# ଧାନ ବିକ୍ରି ସମସ୍ୟା ନେଇ ଧାରଣା

ଛତ୍ରପୁର,୧୦।୨(ଡି.ଏନ୍.ଏ.)

ଧାନକିଣା ସମସ୍ୟା ନେଇ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଗୁରୁବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଚାଷୀ ସଙ୍ଗଠନ ଓ ଚାଷୀମାନେ ଏଥବରେ ସାମିଲ ହୋଇଥିଲେ । ମିଲର, ସୋସାଇଟି ଓ ଯୋଗାଣ ବିଭାଗର ଅଧିକାରୀଙ୍କୁ ଏହି ସମସ୍ୟା ନେଇ ଦାୟୀ କରି ସେମାନଙ୍କ ବିରୋଧରେ ନାରାବାଜି କରିଥିଲେ । ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଆନ୍ଦୋଳର ନେତୃତ୍ୱ ନେଇଥିଲେ। ପ୍ରଥମେ ଚାଷୀମାନେ ରାଲି କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ଜିଲାର



ଚାଷୀମାନଙ୍କ ପକ୍ଷରୁ ଧାରଣା ଦିଆଯାଇଛି ।

୫ ହଜାର ଚାଷୀଙ୍କ ଟୋକନ୍ ରଦ୍ଦ ହୋଇଥିବାରୁ ପୁଣି ଏହାକୁ ସଚଳ କରି ଧାନ କିଣିବାକୁ ଦାବି କରାଯାଇଥିଲା। ଏଥିସହ ଅଦିନିଆ ବର୍ଷା ଯୋଗୁ କ୍ଷତି ହୋଇଥିବା ୯.୫ ହଜାର ହେକ୍ଟର ଜମିର ଧାନ ବାବଦରେ କ୍ଷତିପୂରଣ ପ୍ରଦାନ ଲାଗି ଚାଷୀମାନେ ଦାବି କରିଥିଲେ । ଗମୁ ଧାନ କହି ଚାଷୀଙ୍କ ଠାରୁ କୁଇଣ୍ଟାଲ ପିଛା ୮ରୁ ୧୦ କି.ଗ୍ରା ଧାନ ଅଧିକା ନିଆଯାଉଛି। ଏହି କଟନୀ, ଛଟନୀ ବନ୍ଦ କରିବା, ଅଖା ଟଙ୍କା ଓ ଗାଡି ଭଡା ଦେବା, ଫସଲ ବୀମା ସହାୟତା ପ୍ରଦାନ, କଞ୍ଚା ଲଙ୍କା କିଣିବା ପାଇଁ ମଣ୍ଡି ବ୍ୟବସ୍ଥା କରିବା, ମାଙ୍କଡ, ବାରହାଙ୍କ ଠାରୁ ଫସଲକୁ ସୁରକ୍ଷା ଦେବାକୁ ଦାବି କରାଯାଇଥିଲା। ଧାରଣାସ୍ଥଳରେ ନବ କିଶୋର ସ୍ୱାଇଁ, ଭଗବାନ ସାହୁ, ମଳୟ କୁମାର ସାହୁ, ଅଜିତ ମୁନି, ବଂଶୀଧର ପଲେଇ, ବିଜୟ ସ୍ୱାଇଁ, କୁନା ଦାସ, ମଧୁସୁଦନ ସେଠୀ, ପାର୍ବତୀ, ଦେବରାଜ ମଣ୍ଡଳ, ବାସୁଦେବ ରାଉତ, ବଳରାମ ରାଉତ, ମିନି ମହାପାତ୍ର, ବୁଲୁ ବିଶୋଇ, ନାରାୟଣ ରେଡ୍ଡୀ ପ୍ରମୁଖ ଚାଷୀଙ୍କ ସମସ୍ୟା ସମ୍ପର୍କରେ କହିଥିଲେ ।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଭଞ୍ଜନଗର,୧୦।୨(ଡି.ଏନ୍.ଏ.)

ଭଞ୍ଜନଗର ସହର ବାଇପାସ ରୋଡରେ ବୁଧବାର ରାତିରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଗଖୋଳ ଗ୍ରାମର ଜଗନ୍ନାଥ ପ୍ରଧାନ। ବାଇକ୍ ପଛରେ ବସିଥିବା ଜଗନ୍ନାଥଙ୍କ ସାଙ୍ଗ ଜଗନ୍ନାଥ ବେହେରା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଭଞ୍ଜନଗର ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପ୍ରକାଶ ଯେ, ଅଗଖୋଳ ଗ୍ରାମର ଦୁଇ ସାଙ୍ଗ ବାଇକ ଯୋଗେ ବୁଧବାର ରାତି ପ୍ରାୟ ୧୦ଟାରେ ଭେଜିପୁଟରୁ ଫେରୁଥିବା ବେଳେ ରାସ୍ତାରେ ଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିଲା।

# ବିଜେଡିରେ ମିଶିଲେ ଜିଲା ପରିଷଦ ଅଧ୍ୟକ୍ଷା

## ଗଜପତିରେ ଭାଜପାକୁ ଝଟ୍‌କା

ଆର.ଉଦୟଗିରି,୧୦।୨(ଡି.ଏନ୍.ଏ.)

ମୋହନା ନିର୍ବାଚନ ମଣ୍ଡଳୀର ମୋହନାଠାରେ ବୁଧବାର ବିଜେଡ଼ିର ମିଶ୍ରଣ ପର୍ବଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ଜିଲା ପରିଷଦ ଅଧ୍ୟକ୍ଷା ଅନିତାରାଣୀ ବେହେରା ଶତାଧିକ କର୍ମୀଙ୍କ ସହ ଭାଜପା ଛାଡି ବିଜେଡ଼ିରେ ଯୋଗ ଦେଇଛନ୍ତି। ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ (ଗଣମାଧ୍ୟମ) ମାନସ ରଞ୍ଜନ ମଙ୍ଗରାଜ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଗଜପତି ଜିଲା ସଭାପତି ପ୍ରଦୀପ ନାୟକ, ଯୁବନେତା ରୂପେଶ ପାଣିଗ୍ରାହୀ, ରାଜ୍ୟସ୍ତରୀୟ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ ଅନ୍ୟମାନେ।

ବିଜେଡ଼ି ନେତା ତ୍ରୁମ୍ବନାଥ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡ଼ିରେ ମିଶିଲେ ବୋଲି ଅନିତାରାଣୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଭାଜପାର ପୂର୍ବତନ ଜିଲା ସଭାପତି ଜି.ଭେଙ୍କେଟ ରମଣା ମଧ୍ୟ ଦଳ ଛାଡ଼ି ବିଜେଡିରେ ମିଶିଥିଲେ। ଗତ ବିଧାନସଭା ନିର୍ବାଚନରେ କେ.ନାରାୟଣ ରାଓ ବିଜେଡ଼ିରେ ଟିକେଟ ନ ପାଇ ଭାଜପାରେ ସାମିଲ ହୋଇଥିଲେ। ଭାଜପାରୁ ଲଢ଼ି ସେ ବିଧାୟକ ହେବାଠାରୁ ଭାଜପା ଜିଲା ସଭାପତି ରହିଛନ୍ତି। ଜିଲା ଭାପାର ବହୁ ନେତା ଓ କର୍ମୀ ଦଳ ଛାଡୁଥିବାରୁ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେଉଛି।

## ସରକାରୀ ଜାଗାରୁ ହଟିଲା ପୋଷ୍ଟର

କ.ନୂଆଗାଁ,୧୦।୨(ଡି.ଏନ୍.ଏ.)

ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ ୧ନଂ. ଜିଲା ପରିଷଦ ଜୋନ୍ ଅନ୍ତର୍ଗତ କ.ନୂଆଗାଁ ବଜାର ଉପରେ ସରକାରୀ ସ୍ଥାନରେ ଲାଗିଥିବା ନିର୍ବାଚନୀ ପୋଷ୍ଟର, ବ୍ୟାନରଗୁଡ଼ିକୁ ହଟାଇ ଦିଆଯାଇଛି। ସ୍ଥାନୀୟ ତହସିଲଦାର ଲକ୍ଷ୍ମୀଧର ରାଉତ ଓ କ.ନୂଆଗାଁ ଥାନା ଅଧିକାରି ଶ୍ରୀନିବାସ ସାମଲଙ୍କ ଉପସ୍ଥିତିରେ ଏହାକୁ ହଟାଯାଇଥିଲା।






# ପ୍ରଶାସନର ଦ୍ୱାରସ୍ଥ ଏଣ୍ଡ୍ରି ଗ୍ରାମବାସୀ

## ମିଳୁନି ସର୍ବନିମ୍ନ ମୌଳିକ ସୁବିଧା



ଦାବିପତ୍ର ପ୍ରଦାନ କରାଯାଉଛି।

ପାରଳାଖେମୁଣ୍ଡି,୧୦।୨(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ ବ୍ଲକ ଲାଇଲାଇ ପଞ୍ଚାୟତ ଅଧୀନ ଏଣ୍ଡ୍ରି ଗ୍ରାମବାସୀ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଥିବାରୁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ବଣପାହାଡ଼ ଘେରା ଏହି ଗ୍ରାମରେ ବିକାଶର କୌଣସି ଛାପ ନାହିଁ। ସମସ୍ୟାକୁ ନେଇ ବାରମ୍ବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜନପ୍ରତିନିଧିମାନଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ତେଣୁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବାକୁ ଆସିଥିଲେ। ଜିଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କୁ ଭେଟିଥିଲେ ଏଣ୍ଡ୍ରି ଗ୍ରାମବାସୀ। ନିର୍ବାଚନ ଆଚରଣବିଧି ଉଠିବା ପରେ ସବୁ ପ୍ରକାରର ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି ।

ଏଣ୍ଡ୍ରି ଗ୍ରାମକୁ ଭଲ ରାସ୍ତା ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଭଳି ମୁଖ୍ୟ ମୌଳିକ ସୁବିଧା ମିଳୁ ନ ଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁନାହିଁ । ଗାଁକୁ ଆମ୍ବୁଲାନ୍ସ ଆସିପାରୁନାହିଁ। ଗର୍ଭବତୀମାନଙ୍କୁ ଖଟିଆ କିମ୍ବା ଦୋଳାରେ ବୋହି ମୁଖ୍ୟରାସ୍ତାକୁ ଆଣି ସେଠାରୁ ଆମ୍ବୁଲାନ୍ସ ଯୋଗେ ନେବାକୁ ପଡୁଛି। ସେହିପରି ପାନୀୟ ଜଳ ସମସ୍ୟା ମଧ୍ୟ ରହିଛି ବୋଲି ବୋଲି ଗ୍ରାମବାସୀ କହିଛନ୍ତି।

# ନିର୍ବାଚନ କାର୍ଯ୍ୟରେ ଗାଡ଼ି ନ ଲଗାଇଲେ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର,୧୦।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନା କରିବା ନିମନ୍ତେ ଏକାଧିକ ଯାନବାହନ ଆବଶ୍ୟକ। ଯାନବାହନ ରିକ୍ୟୁଜେଶନ ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ଗାଡ଼ିମାଲିକଙ୍କୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କହିଛନ୍ତି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଇବା ପାଇଁ ହାଜର କରାଇବାକୁ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗାଡି ମାଲିକମାନଙ୍କୁ ନିର୍ଦ୍ଦେଶପତ୍ର ଦିଆଯାଇଛି। ଏହିନିର୍ଦ୍ଦେଶ ଅବମାନନା କରୁଥିବା ଗାଡ଼ିମାଲିକଙ୍କ ବିରୋଧରେ ରିକ୍ୟୁଜେଶନ ଅଧିନିୟମ ୧୯୮୪ର ଧାରା-୯ ଏବଂ ଜନ ପ୍ରତିନିଧି ଆଇନ ୧୯୫୧ ର ଧାରା-୧୬୭ ପ୍ରକାରେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ଏଥିରେ ଏକ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଓ ଏକ ହଜାର ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। ସେମାନେ ତେଣୁ ନିଜର ନିର୍ଦ୍ଦିଷ୍ଟ ଯାନବାହାନକୁ ଗାଡ଼ିମାଲିକ ତୁରନ୍ତ ନିର୍ବାଚନ କାର୍ଯ୍ୟରେ ବିନିଯୋଗ ନିମନ୍ତେ ହାଜିର କରାଇ ସହଯୋଗ କରିବାକୁ କୁହାଯାଉଛି।

# ଦୁର୍ଘଟଣା ରୋକିବ ମୋବାଇଲ ଆପ୍




ମୋବାଇଲ୍ ଆପ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଉଛି ।

ପାରଳାଖେମୁଣ୍ଡି,୧୦।୨(ଡି.ଏନ୍.ଏ.)

ମୋବାଇଲ ଆପ ଦ୍ୱାରା ଦୁର୍ଘଟଣାର କାରଣ ଜଣାପଡିବ। ଏହି ଆପ୍‌କୁ ଆଧାର କରି ରାସ୍ତା ନିରାପତ୍ତା ନିମନ୍ତେ ପଦକ୍ଷେପ ନିଆଯାଇପାରିବ। ଜାତୀୟ ସୂଚନା ଓ ପ୍ରଯୁକ୍ତି କେନ୍ଦ୍ର (ଏନଆଇସି) ଏହି ଆପ ପ୍ରସ୍ତୁତ କରିଛି। ସଡକ ସୁରକ୍ଷା ନିମନ୍ତେ ମୁଖ୍ୟତଃ ପୋଲିସ, ରାଜ୍ୟ ତଥା ଜାତୀୟ ପରିବହନ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେବ ଏହି ଆପ। ଗଜପତି ଜିଲାରେ ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ଏସ୍‌ପି ଜୟରାମ ଶତପଥୀ ଏହାର ଶୁଭାରମ୍ଭ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏନଆଇସି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଆପର କାର୍ଯ୍ୟକାରିତା ଉପରେ ସଂକ୍ଷିପ୍ତ ଧାରଣା ଦିଆଯାଇଥିଲା। ଏଥିରେ ପରିବହନ ବିଭାଗ କର୍ମଚାରୀ, ପୋଲିସ କର୍ମଚାରୀ ଓ ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି ଉପସ୍ଥିତ ରହି ଆପ ସମ୍ପର୍କରେ ଆଲୋଚନା କରିଥିଲେ। ଦୁର୍ଘଟଣା ରୋକିବା ଦିଗରେ ଆପ୍ ସହାୟକ ହେବ ବୋଲି ଜିଲା ସୂଚନା ଓ ପ୍ରଯୁକ୍ତି ବିଭାଗର ଅଧିକାରୀ ଆଶା ରଖିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ